# ଏନ୍‌ଆଇଏନ୍‌ଏଲ୍ ପୁନରୁଦ୍ଧାର ଆଶା ଉଜ୍ଜୀବିତ

ଯାଜପୁର ଅଫିସ,୧୪।୮

**ଉଚ୍ଚସ୍ତରୀୟ ବୈଠକରେ ବକେୟା ଦରମା ପ୍ରଦାନ ନିଷ୍ପତ୍ତି**

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନ୍‌ଏଲ୍)ର ପୁନରୁଦ୍ଧାର ଏବଂ କର୍ମଚାରୀଙ୍କ ନିୟମିତ ଓ ବକେୟା ଦରମା ପ୍ରଦାନ ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଛି। ନୀଳାଚଳ ବଞ୍ଚାଅ ମିଳିତ ମଞ୍ଚର ଆବାହକ ରଞ୍ଜନ ନାୟକ ସୂଚନା ଦେଇଛନ୍ତି ଯେ, ଗୁରୁବାର କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଆଇଏନ୍‌ଏଲ୍‌ର ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ସମସ୍ତ ସେୟାର ହୋଲଡର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସ ଜରିଆରେ ଯୋଗଦେଇଥିଲେ। ବୈଠକରେ ନୀଳାଚଳ କମ୍ପାନୀ କର୍ମଚାରୀମାନଙ୍କ ବକେୟା ଦରମା ପ୍ରଦାନ ପାଇଁ ନିଷ୍ପତ୍ତି ହେବା ସହ ଆସନ୍ତା ୩ ରୁ ୪ ମାସ ମଧ୍ୟରେ ଡିସ୍‌ଇନଭେଷ୍ଟମେଣ୍ଟ ପ୍ରକ୍ରିୟା ଶେଷ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ କର୍ମଚାରୀଙ୍କ ଦରମା ପ୍ରଦାନ ଦିଗରେ ସରକାର ସହଯୋଗ କରିବେ ବୋଲି ନିଷ୍ପତ୍ତି ହୋଇଛି। କାରଖାନା ଘରୋଇକରଣ ହେବା ନା ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ରହିବ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ କର୍ମଚାରୀ ଓ ରାଜ୍ୟର ବୃହତ୍ତର ସ୍ୱାର୍ଥକୁ ଧ୍ୟାନ ଦିଆଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରଧାନ ଟୁଇଟ୍ ଯୋଗେ ବାର୍ତ୍ତା ଦେଇଛନ୍ତି। ଏହାପରେ ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନରତ କର୍ମଚାରୀମାନଙ୍କ ଜୀବନଜୀବିକା ସୁରକ୍ଷିତ ରହିବ ବୋଲି ଆଶା ପ୍ରକାଶ କରାଯାଇଛି।

# ଯାଜପୁର : ୩ ଦିନରେ ୧୮୨ କରୋନା ସଂକ୍ରମିତ

ଯାଜପୁର ଅଫିସ/ଚଣ୍ଡିଖୋଲ/ଜେନାପୁର (ଡି.ଏନ୍.ଏ.),୧୪।୮

**ଚଣ୍ଡିଖୋଲ ବଜାର ହେଲା କଣ୍ଟେନ୍‌ମେଣ୍ଟ ଜୋନ୍**

ଯାଜପୁର ଜିଲାରେ ଗତ ୩ ଦିନ ମଧ୍ୟରେ ୧୮୨ ଜଣ କରୋନା ସଂକ୍ରମିତ ହୋଇଛନ୍ତି। ୧୨ ତାରିଖରେ ୫୩, ୧୩ ତାରିଖରେ ୬୦ ଏବଂ ଶୁକ୍ରବାର ୬୯ ଜଣ ସଂକ୍ରମିତ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ଚିହ୍ନଟ ବ୍ୟକ୍ତିଙ୍କ ମଧ୍ୟରେ ରସୁଲପୁର ବ୍ଲକର ୧୧, ସୁକିନ୍ଦାର ୭, ବଡ଼ଚଣାର ୧୯, ବରୀର ୩, କୋରେଇର ୧, ଧର୍ମଶାଳାର ୧, ବିଞ୍ଝାରପୁରର ୫, ଯାଜପୁରର ୨, ଦାନଗଦିର ୮, ଦଶରଥପୁରର ୫, ବ୍ୟାସନଗର ପୌରାଞ୍ଚଳର ୫, ଯାଜପୁର ପୌରାଞ୍ଚଳର ୧ ଓ ଅନ୍ୟାନ୍ୟ ଜଣେ ବୋଲି ଦର୍ଶାଯାଇଛି। ଗତ ସପ୍ତାହର ରିପୋର୍ଟକୁ ଅନୁଧ୍ୟାନ କଲେ ସ୍ଥାନୀୟ ଲୋକ ସଂକ୍ରମଣ ସଂଖ୍ୟା ପାଖାପାଖି ୧୦୦ ହେବ। ଜିଲାର ଅନ୍ୟତମ ସହର ଚଣ୍ଡିଖୋଲକୁ ଜିଲାପାଳ ରଞ୍ଜନ କୁମାର ଦାସ ଶୁକ୍ରବାର କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି। ଏଥିରେ ଚଣ୍ଡିଖୋଲ ବଜାର ସମେତ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଇତ୍ୟାଦି ରହିଛି। ଏହା ଶୁକ୍ରବାର ଅପରାହ୍ନ ୨ଟାରୁ ଆସନ୍ତା ୧୭ ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ତେବେ ସ୍ୱାଧୀନତା ଦିବସ ପାଳନକୁ ଦୃଷ୍ଟିରେ ରଖି ଶନିବାର ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କୋଭିଡ-୧୯ ନିୟମାବଳୀ ଆଧାରରେ କୋହଳ କରାଯାଇଛି।

# ବ୍ୟାସନଗର, ପାଣିକୋଇଲିକୁ ଡିଏମ୍‌ଏଫ୍‌ରେ ସାମିଲ

ଯାଜପୁର ଅଫିସ,୧୪।୮

ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗର ପୌର ପରିଷଦ ଏବଂ ପାଣିକୋଇଲି ଅଞ୍ଚଳକୁ ଡିଏମ୍‌ଏଫ୍(ଜିଲା ଖଣିଜପଦାର୍ଥ ପ୍ରତିଷ୍ଠାନ)ରେ ସାମିଲ କରାଯାଇଛି। ଏହି ଦୁଇ ଅଞ୍ଚଳ ପରୋକ୍ଷ ଭାବେ ଖଣି ପ୍ରଭାବିତ ବୋଲି ଦର୍ଶାଇ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ସଚିବ ଡି.କେ. ଜେନା ଶୁକ୍ରବାର ଯାଜପୁର ଜିଲାପାଳଙ୍କୁ ଏଭଳି ସୂଚନା ଜାରି କରିଛନ୍ତି। ପୂର୍ବରୁ ଧରିତ୍ରୀରେ ଏକାଧିକ ବାର ଏହି ମର୍ମରେ ଖବର ପ୍ରକାଶ ପାଇବା ପରେ ଜିଲାପାଳ ରଞ୍ଜନ କୁମାର ଦାସ ତାଙ୍କ ପତ୍ରସଂଖ୍ୟା ୨୦୯୮/୪।୮।୨୦୨୦ ଓ ୨୧୧୮/୧୦।୮।୨୦୨୦ରେ ବ୍ୟାସନଗର, ପାଣିକୋଇଲି ଆଦି ଅଞ୍ଚଳକୁ ଡିଏମଏଫ ଅନ୍ତର୍ଭୁକ୍ତ କରିବାକୁ ଯୋଜନା ଓ ସଂଯୋଜନ ବିଭାଗକୁ ଅନୁରୋଧ କରିଥିଲେ। ଫଳସ୍ୱରୂପ ଅବହେଳିତ ଅବସ୍ଥାରେ ପଡ଼ିଥିବା ବ୍ୟାସନଗର ଓ ପାଣିକୋଇଲି ଅଞ୍ଚଳର ବିକାଶରେ ଡିଏମଏଫ ପାଣ୍ଠି ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅଞ୍ଚଳବାସୀ ଆଶାପ୍ରକଟ କରିଛନ୍ତି।

# ଆଧାର ସଂଯୋଗରେ ତ୍ରୁଟି: ଖାଦ୍ୟ ସୁରକ୍ଷା ଯୋଜନାରୁ ଯୋଗ୍ୟଙ୍କ ନାଁ କଟିଲା

ବିଞ୍ଝାରପୁର, ୧୪।୮ (ଡି.ଏନ୍.ଏ)

ଖାଦ୍ୟ ସୁରକ୍ଷା ଯୋଜନାରେ ଆଧାର ସଂଯୋଗରେ ତ୍ରୁଟି ଯୋଗୁ କମ୍ ଚାଉଳ ମିଳିବାରୁ ବିଞ୍ଝାରପୁର ବ୍ଲକ ଓଳେଇଚନ୍ଦନପୁର ପଞ୍ଚାୟତର ହିତାଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଚାଉଳ ନ ନେଇ ଫେରିଯାଇଥିବା ଜଣାପଡ଼ିଛି। ପଞ୍ଚାୟତର ୧୨ ଓ ୧୩ ନଂ. ୱାର୍ଡର ହିତାଧିକାରୀଙ୍କୁ ରିଟେଲର୍ ପ୍ରମୋଦ ସାମଲ ଗୁରୁବାରଠାରୁ ଚାଉଳ ବଣ୍ଟନ କରିଥିଲେ। ରିଟେଲର ପ୍ରତି ପରିବାରର ୨-୩ ଜଣଙ୍କ ନାମକୁ ବାଦ ଦେଇ ଚାଉଳ ଦେଉଥିବା ଅଭିଯୋଗ କରି କେତେଜଣ ହିତାଧିକାରୀ ପାଟିତୁଣ୍ଡ କରିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ସୌଭାଗ୍ୟ ରାୟ ମହାପାତ୍ର ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ହିତାଧିକାରୀମାନେ ଚାଉଳ ନ ନେଇ ଫେରି ଯାଇଥିଲେ। ଏ ସମ୍ପର୍କରେ ରିଟେଲର୍ ସାମଲ କହିଛନ୍ତି, ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆମ ପାଖକୁ ଆସିଥିବା ତାଲିକା ଅନୁଯାୟୀ ଚାଉଳ ବଣ୍ଟା ଯାଇଥିଲା। ସରପଞ୍ଚ ମହାପାତ୍ରଙ୍କୁ ପଚାରିବାରେ, ଆଧାର ସଂଯୋଗରେ ତ୍ରୁଟି ଯୋଗୁ ବହୁ ହିତାଧିକାରୀଙ୍କ ନାମ ତାଲିକାରୁ କଟିଯାଇଛି। ଫଳରେ କମ୍ ଚାଉଳ ଦିଆବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।






## ୫ ଦୋକାନ ବନ୍ଦ କଲା ପ୍ରଶାସନ

ନୟାଗଡ଼ ଅଫିସ: କୋଭିଡ୍ କଟକଣାକୁ ଅଣଦେଖା କରିବା ଅଭିଯୋଗରେ ନୟାଗଡ଼ ସହରର ୫ ଦୋକାନକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ନୟାଗଡ ଏସ୍‌ପି ପ୍ରତ୍ୟୁଷ ଦିବାକର ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ଓଡଗାଁ ଛକ ଓ ରାଜୀବ ମାର୍କେଟ ଅଂଚଳରେ ଚଢ଼ାଉ କରି ୫ ଦୋକାନ ୫ଦିନ ଧରି ବନ୍ଦ ରହିବ ବୋଲି ଘୋଷଣା କରିଥିଲେ।

# ଜମି ଅଧିଗ୍ରହଣ ପ୍ରତିବନ୍ଧକ ସାଜିଛି

ଯାଜପୁର ଅଫିସ୍, ୧୪।୮

ବ୍ରାହ୍ମଣୀ ନଦୀ ଉପରେ ରେଙ୍ଗାଲି ବହୁମୁଖୀ ଯୋଜନାର ବାମପାର୍ଶ୍ୱ କେନାଲ ଯାଜପୁର ଜିଲାରେ ପ୍ରବେଶ କରିଛି। ତେବେ ଏହି ପ୍ରକଳ୍ପ ଅଗ୍ରଗତିରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଅନ୍ତରାୟ ସାଜିଛି। ତେଣୁ ରଣଗୁଡ଼ି ଗ୍ରାମର ବେବନ୍ଦୋବସ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଏବଂ ପଛିକୋଟ ଜଙ୍ଗଲ ଜମି କିସମ ପରିବର୍ତ୍ତନ ସଂକ୍ରାନ୍ତରେ ୧୫ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରିବାକୁ ଜଳ ସମ୍ପଦ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାବାଦ ୨୦୨୧ ଜୁଲାଇ ସୁଦ୍ଧା ରେଙ୍ଗାଲି ବାମପାର୍ଶ୍ୱ କେନାଲ ଜରିଆରେ ୧୬,୦୧୫ ହେକ୍ଟର ଜମିରେ ଜଳସେଚନ ସୁନିଶ୍ଚିତ କରିବାକୁ ବିଭାଗୀୟ ଚିଫ୍ ଇଞ୍ଜିନିୟରଙ୍କୁ ପରାମର୍ଶ ଦିଆଯାଇଛି। ଗତ ୧୦ ତାରିଖରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରଶାସନର ଏଭଳି ତତ୍ପରତା ଯଦି କାର୍ଯ୍ୟକାରୀ ହୁଏ, ତେବେ ନିର୍ଦ୍ଧାରିତ ସମୟରେ ଯାଜପୁର ଜିଲାର ସୁକିନ୍ଦା, ଦାନଗଦି ଓ କୋରେଇ ବ୍ଲକର ଚାଷୀ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି।

ରେଙ୍ଗାଲି ବହୁମୁଖୀ ଯୋଜନା ଅଶୀ ଦଶକରେ ପରିକଳ୍ପନା କରାଯାଇଥିଲା। ଜାଇକା (ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଟିଭ ଏଜେନ୍ସି) ଜରିଆରେ ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ଜଳସେଚନ ଏହି ବୃହତ୍ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ରାଇଟ ବ୍ୟାଙ୍କ କେନାଲ (ଆରବିସି) ଓ ଲେଫ୍ଟ ବ୍ୟାଙ୍କ କେନାଲ(ଏଲ୍‌ବିସି) ନାମରେ ଦୁଇଟି କେନାଲ ନିର୍ମାଣ କାର୍ଯ୍ୟ ଚାଲିଛି। ଲେଫ୍ଟ ବ୍ୟାଙ୍କ କେନାଲ ଅର୍ଥାତ୍ ବାମ ପାର୍ଶ୍ୱ କେନାଲ ଯାଜପୁର ଜିଲାକୁ ପ୍ରବେଶ କରିଛି। ଜାଇକା ପ୍ରକଳ୍ପର ବାମପାର୍ଶ୍ୱ କେନାଲ ଚିଫ୍ ଇଞ୍ଜିନିୟର ସୁବାସ ଚନ୍ଦ୍ର ପତି କହିଛନ୍ତି ଯେ, ରେଙ୍ଗାଲି ବାମପାର୍ଶ୍ୱ କେନାଲର ଦୈର୍ଘ୍ୟ ୧୪୧ କି.ମି.। ଏହି କେନାଲ ଜରିଆରେ ୧,୧୪,୩୦୦ ହେକ୍ଟର ଜମିରେ ପାଣି ମାଡ଼ିବାକୁ ପରିକଳ୍ପନା କରାଯାଇଛି। ତେବେ ୯୦,୫୦୦ ହେକ୍ଟର ଜମିରେ ଜଳସେଚନ ହୋଇପାରିବ। ଏହି କେନାଲ ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ହେଉଛି। ବର୍ତ୍ତମାନ ସୁଦ୍ଧା କେନାଲ ଆରମ୍ଭଠାରୁ ଆରଡି ରାସ୍ତାର ୭୧.୩୧୩ କିମି ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଏଥିରେ ପ୍ରାୟ ୩୫,୬୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇଛି। ୨୦୧୫ ମାର୍ଚ୍ଚରେ କେନାଲ ସିଷ୍ଟମ କାର୍ଯ୍ୟକାରୀ କରିବାକୁ ଜାଇକା ସହ ୨୨୫୦ କୋଟି ଟଙ୍କାର ଋଣ ଚୁକ୍ତି ହୋଇଥିଲା। ଏହି କେନାଲ ଜରିଆରେ ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ଜିଲାର ୩୯,୪୧୬ ହେକ୍ଟର ଜମିରେ ପାଣି ମାଡିବ ବୋଲି ଧାର୍ଯ୍ୟ ହୋଇଥିଲା। ତେବେ ଏହି କେନାଲ କାର୍ଯ୍ୟ ୨୦୨୩ ଜୁଲାଇ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ବାକି କାର୍ଯ୍ୟ ପିଏମ୍‌କେଏସ୍‌ୱାଇ-୨(ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା)ରେ ସମ୍ପୂର୍ଣ୍ଣ କରିବାକୁ ପ୍ରସ୍ତାବ ରହିଛି। ବର୍ତ୍ତମାନ ଜମି ଅଧିଗ୍ରହଣ ପ୍ରକ୍ରିୟା ଏକ ବଡ଼ ପ୍ରତିବନ୍ଧକ ହୋଇଛି। ଏଥିପାଇଁ ଆବଶ୍ୟକ ୨୯୩୨.୦୯ ଏକର ମଧ୍ୟରୁ ୧୯୭୬.୮୭ ଏକର(୬୭.୪ ପ୍ରତିଶତ) ଜମି ଅଧିଗ୍ରହଣ ସରିଛି। ଜମି ଅଧିଗ୍ରହଣ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ କୋରେଇ ଓ ବରପଦା ବ୍ରାଞ୍ଚ କେନାଲର ୫ଟି ପ୍ୟାକେଜ୍ ସର୍ଭେ କାର୍ଯ୍ୟଚାଲିଛି ବୋଲି ଚିଫ୍ ଇଞ୍ଜିନିୟର ପତି କହିଛନ୍ତି। ଅନ୍ୟପକ୍ଷରେ ନହୁରାଣୀପୋଖରୀ, ବନ୍ଧଗାଁ ଓ ବିରିକଟା ଗ୍ରାମର ପ୍ରଭାବିତ ଚାଷୀ ଅଧିକ କ୍ଷତିପୂରଣ ଦାବି କରୁଛନ୍ତି ବୋଲି ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ସୂଚନା ଦେଇଥିଲେ। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଧାର୍ଯ୍ୟ କ୍ଷତିପୂରଣ ଗ୍ରହଣ କରିବାକୁ ଚୂଡ଼ାନ୍ତ ନୋଟିସ୍ ଦିଆଯାଇଛି। ଯଦି ସେମାନେ ଏହାକୁ ଗ୍ରହଣ ନ କରନ୍ତି ତେବେ ଧାର୍ଯ୍ୟ ଅର୍ଥକୁ ଏଲ୍‌ଏ ଆଣ୍ଡ ଆର୍‌ଆର୍ ଅଥରିଟିଙ୍କ ନିକଟରେ ଦାଖଲ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

ରଣଗୁଡି ଗ୍ରାମର ଆବଶ୍ୟକ ୨୦ଏକର ଜମି ବେବନ୍ଦୋବସ୍ତ ଜମି ହୋଇଥିବାରୁ ଦର ଧାର୍ଯ୍ୟ ଚୂଡ଼ାନ୍ତ ହୋଇପାରିନାହିଁ। ସେହିପରି ପଛିକୋଟ ଗ୍ରାମର କେତେକ ଜଙ୍ଗଲ ଜମି ରହିଛି। ତେଣୁ ଏହାର କିସମ ପରିବର୍ତ୍ତନର ଆବଶ୍ୟକ ହେଉଛି। ବାକି ଜମିରେ କୌଣସି ବିବାଦ ନାହିଁ ବୋଲି ସୂଚନା ଦିଆଯାଇଛି। ତେଣୁ ଏହି ଜଙ୍ଗଲ ଜମି ସମସ୍ୟାର ସମାଧାନ ପାଇଁ ଜଙ୍ଗଲ ବିଭାଗ ସହିତ ଏକ ବୈଠକର ଆବଶ୍ୟକତା ରହିଛି ବୋଲି ଜମି ଅଧିଗ୍ରହଣ ଅଧିକାରୀ ସୂଚନା ଦେଇଛନ୍ତି। ଏହି କ୍ରମରେ ଉପରୋକ୍ତ ବିବାଦଗୁଡ଼ିକର ତୁରନ୍ତ ସମାଧାନ ନ ହେଲେ ମରୁଡି ଦାଉରୁ ଚାଷୀ ମୁକ୍ତି ପାଇବାର ଆଶା ମଉଳିଯିବ ବୋଲି ମତପ୍ରକାଶ ପାଇଛି। ତେଣୁ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରି ଯଥାଶୀଘ୍ର କେନାଲ କାର୍ଯ୍ୟକୁ ଆଗେଇନେବାକୁ ଜଳ ସମ୍ପଦ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ବି.କେ. ବେହେରା ଜାଇକା ପ୍ରକଳ୍ପର ଚିଫ୍ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ରେଙ୍ଗାଲି ବହୁମୁଖୀ ଯୋଜନାର ବାମପାର୍ଶ୍ୱ କେନାଲ**



- ଏ ଯାଏ ମିଳିଛି ୬୭ ପ୍ରତିଶତ ଜମି
- ସର୍ଭେରେ ଅଟକିଛି କୋରେଇ, ବରପଦା ବ୍ରାଞ୍ଚ କେନାଲ
- ୨୦୨୧ ଜୁଲାଇ ସୁଦ୍ଧା ୧୬,୦୧୫ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ

## ସଂକ୍ଷେପରେ

### ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଓମ୍‌ସା

**କେନ୍ଦ୍ରାପଡ଼ା ଅଫିସ, ୧୪।୮:** ଓଡିଶା ମେଡିକାଲ ସର୍ଭିସେସ୍ ଆସୋସିଏଶନ (ଓମ୍‌ସା) ପକ୍ଷରୁ ଶୁକ୍ରବାର ଟାଉନ ଥାନା ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଓମ୍‌ସା କର୍ମକର୍ତ୍ତା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗତ ୩୧ ତାରିଖ ରାତିରେ ଟାଉନ ଥାନା ପୋଲିସ ସ୍ଥାନୀୟ ଡାକ୍ତରଙ୍କ ବିରୋଧରେ ଅମାନବୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୀମିତ ଅବଧି ମଧ୍ୟରେ ଏ ନେଇ କାର୍ଯ୍ୟାନୁଷ୍ଠାନ ନ ହେଲେ ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି ନିଷ୍ପତ୍ତି ହୋଇଛି। ଓମ୍‌ସା ଜିଲା ଶାଖା ସଭାପତି ଡା. ଅଶୋକ କୁମାର କର ଓ ସମ୍ପାଦକ ସଞ୍ଜିତ କୁମାର ସେଠୀ କହିଛନ୍ତି ଯେ, ଆସୋସିଏଶନର ଡା. ଦେବାଶିଷ ସାହୁ ଓ ଡା. ଶିବାଶିଷ ସାହୁଙ୍କୁ ଗତ ୩୧ ତାରିଖ ରାତିରେ ଗିରଫ ସହ ମାଡ଼ ମରାଯାଇଛି। ପୁଣଇ ଏହାର ଫଟୋ ଭାଇରାଲ କରି ସାମାଜିକ ପ୍ରତିଷ୍ଠା ଉପରେ ଆଞ୍ଚ ଆଣିଛନ୍ତି। ଥାନାର ଏ ପ୍ରକାର ମାନସିକତା ଗ୍ରହଣଯୋଗ୍ୟ ନୁହେଁ।

### ନୟାଗଡ଼ରେ ୭୫ ନୂଆ ଆକ୍ରାନ୍ତ

**ନୟାଗଡ଼ ଅଫିସ,୧୪।୮:** ନୟାଗଡ଼ ଜିଲାରେ ଶୁକ୍ରବାର ୭୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୩୭ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଭାପୁର ବ୍ଲକରୁ ୪, ଦଶପଲ୍ଲା ୧୨, ଗଣିଆ ୧, ଖଣ୍ଡପଡା ୪, ନୟାଗଡ଼ ବ୍ଲକ ୯, ନୂଆଗାଁ ୪, ଓଡଗାଁ ୧୫, ରଣପୁର ବ୍ଲକରୁ ୨୧ ଓ ନୟାଗଡ଼ ସହରରୁ ୫ ଜଣ ଚିହ୍ନଟ ହୋଇଥିବା ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି।

### ନାବାଳିକା ଅପହରଣ ଘଟଣାର ଟେର୍ ପାଉନି ପୋଲିସ

**ଖଣ୍ଡପଡ଼ା,୧୪।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ଅଞ୍ଚଳର ଏକ ନାବାଳିକା ଅପହରଣ ଘଟଣାର ୨୩ଦିନ ପରେ ବି ପୋଲିସ ଏହାର ଟେର ପାଉନି। ସୂଚନାଯୋଗ୍ୟ ନାବାଳିକା ଅପହରଣ ନେଇ ଜୁଲାଇ ୨୨ ତାରିଖରେ ପରିବାର ଲୋକେ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୪ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନେ ବାହାରେ ବୁଲୁଥିଲେ ମଧ ପୋଲିସ ସେମାନଙ୍କୁ ଗିରଫ କରିବା ନେଇ ଆନ୍ତରିକତା ପ୍ରକାଶ କରୁ ନ ଥିବା ନାବାଳିକାଙ୍କ ପିତା ଅଭିଯୋଗ କରିଛନ୍ତି। ଏହାସହ ସେ ନୟାଗଡ଼ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରି ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

## ରସୁଲପୁର ବ୍ଲକ: ଚାଷୀଙ୍କୁ ଭେଟିଲେ କୃଷିମନ୍ତ୍ରୀ

ରସୁଲପୁର/ଛତିଆ, ୧୪।୮ (ଡି.ଏନ୍.ଏ.)

ରାଜ୍ୟ କୃଷିମନ୍ତ୍ରୀ ଅରୁଣ ସାହୁ ଶୁକ୍ରବାର ରସୁଲପୁର ବ୍ଲକ ଅଞ୍ଚଳର ଚାଷୀମାନଙ୍କୁ ଭେଟିଛନ୍ତି। ପ୍ରଥମେ ବାରବାଟୀ ପଞ୍ଚାୟତର ଭଗତପୁର ଗ୍ରାମର ନଦୀ ପଠାରେ ହୋଇଥିବା ପରିବା କ୍ଷେତକୁ ମନ୍ତ୍ରୀ ସାହୁ ବୁଲି ଦେଖିଥିଲେ। ଏହାପରେ ସିଂହାପୁର ପଞ୍ଚାୟତ ଦନେଇପୁର ଅଞ୍ଚଳରେ ବନୀକରଣ ଯୋଜନାରେ ସୃଷ୍ଟି ହୋଇଥିବା କାଜୁ ଜଙ୍ଗଲ, ପରିବା କ୍ଷେତରେ କୃଷକଙ୍କ ମିଶ୍ରିତ ଚାଷ ଦେଖିଥିଲେ। ଏହାପରେ ସେ ଓଡ଼ିଶୋ ପଞ୍ଚାୟତକୁ ଯାଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ ପରିବା ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବରୁ ହାଟ ସ୍ଥଳରେ ସରକାରୀ ମଣ୍ଡି ଖୋଲିବା ପାଇଁ ଚାଷୀମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ସାହୁଙ୍କ ପରିଦର୍ଶନ ସମୟରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ, ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା, ବାରବାଟି ସରପଞ୍ଚ ସୁରଜିତ ମହାନ୍ତି, ଓଡ଼ିଶୋ ସରପଞ୍ଚ ନିଳମ ମଲିକ, ନିର୍ବାହୀ ଅଧିକାରୀ ସୁଧୀର କୁମାର ମହାନ୍ତି ପ୍ରମୁଖ ଥିଲେ। ଏହାପରେ ମନ୍ତ୍ରୀ ସାହୁ ଛତିଆଠାରେ ଥିବା ବଂଶୀଧର ଶୀତଳ ଭଣ୍ଡାର ପରିଦର୍ଶନ କରିବା ସହ ଉକ୍ତ ଅଞ୍ଚଳର ଚାଷୀମାନଙ୍କ ସହ ଆଲୋଚନା କରିଥିଲେ।

## କଟା ଗଛ ଜବତ: ତଦନ୍ତ ଆରମ୍ଭ

ରସୁଲପୁର, ୧୪।୮ (ଡି.ଏନ୍.ଏ.)

**ଆରଡି ରାସ୍ତାକଡ଼ରୁ ୩୦ରୁ ଊର୍ଦ୍ଧ୍ୱ ଗଛ ଲୁଟ୍ ମାମଲା**

ରସୁଲପୁର ବ୍ଲକ ଅଧୀନ ଭୋଟକା ପଞ୍ଚାୟତରୁ ରସୁଲପୁର ପଞ୍ଚାୟତକୁ ସଂଯୋଗ କରୁଥିବା ଆରଡି ରାସ୍ତାକଡ଼ରୁ କେତେଜଣ ଦୁର୍ବୃତ୍ତ ଗଛ କାଟି ନେଉଥିବା ବେଳେ ତହସିଲ ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ଉକ୍ତ ୧ କି.ମି ଦୈର୍ଘ୍ୟ ରାସ୍ତା ପାର୍ଶ୍ୱରେ ୧ହଜାରରୁ ଊର୍ଦ୍ଧ୍ୱ ଆକାଶି ଓ ୟୁକାଲିପଟାସ ଗଛ ଲଗାଯାଇଥିଲା। ମାତ୍ର ଅନେକ ସମୟରେ ସେଠାକାର ଲୋକେ ଗଛ କାଟି ନେଉଥିବାରୁ ଏବେ ଗଛ ସଂଖ୍ୟା ୧୦୦ ତଳକୁ ଖସିଆସିଛି। ପୂର୍ବରୁ ଲୋକମାନେ ଗଛ ଡାଳ କାଟି ନେଉଥିବାରୁ ଅନେକ ଗଛ ମରିଯାଉଥିବା ବେଳେ ଏବେ ଲୋକମାନେ ସେହି ମଲା ଗଛକୁ ମଧ କାଟି ନେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ରସୁଲପୁର ତହସିଲ ପକ୍ଷରୁ ରାଜସ୍ୱ ନିରୀକ୍ଷକ ଦୁର୍ଜୟ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ସେଠାରେ ପଡ଼ି ରହିଥିବା କେତେକ କଟା ଗଛ ଜବତ କରିଥିଲେ। ଏହି କାର୍ଯ୍ୟରେ ରସୁଲପୁର ପଞ୍ଚାୟତର ଖୋସାଲପୁର, ଭୋଟକା ପଞ୍ଚାୟତର ଅରଡ଼ା ଓ ସାନରମ୍ପେଇ ଗ୍ରାମର କେତେଜଣଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରେ ଜବତ କାଠକୁ ତହସିଲ ପକ୍ଷରୁ ନିଲାମ କରାଯିବ। ଏ ନେଇ ତଦନ୍ତ ଜାରି ରହିଛି। ଗଛ କଟାଳିଙ୍କ ସମ୍ପର୍କରେ ସୂଚନା ମିଳିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବିଦ୍ୟାଳୟ ଜମି ଜବରଦଖଲ ଉଦ୍ୟମ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୧୪।୮

ଡେରାବିଶ ବ୍ଲକ ଠାକୁରହାଟସ୍ଥ ସୁଦର୍ଶନ ହାଇସ୍କୁଲ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିବାକୁ ଉଦ୍ୟମ କରୁଥିବା ନେଇ ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଗୁରୁବାର ଅଭିଯୋଗ କରିଛନ୍ତି। ଗ୍ରାମର ପରମାନନ୍ଦ ମହାରଣା କହିଛନ୍ତି, ଏହି ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନର ଜମି ଉପରେ କେତେଜଣ ଦୁର୍ବୃତ୍ତଙ୍କ ଦୃଷ୍ଟି ପଡିଛି। ଏଠାରେ ପଞ୍ଚାୟତ ଭବନ, ପାର୍କ ସହିତ ଏକ ହୋଟେଲ ପାଇଁ ଉଦ୍ୟମ ହେଉଛି। ସ୍କୁଲ ପରିସରରୁ ମାଟି ଉଠାଯାଉଥିବା ନେଇ ଡେରାବିଶ ତହସିଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ସ୍କୁଲ ପରିସର ଜବରଦଖଲ କରାଗଲେ ଶିକ୍ଷାର୍ଥୀଙ୍କ ଚଳପ୍ରଚଳରେ ସମସ୍ୟା ହେବ ବୋଲି ସେ ଦର୍ଶାଇଛନ୍ତି।

## ୨୫ ଚୋରି ବାଇକ୍ ଉଦ୍ଧାର, ୫ ଗିରଫ





ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍।

କେନ୍ଦ୍ରାପଡ଼ା ଅଫିସ, ୧୪।୮

କେନ୍ଦ୍ରାପଡ଼ା ଜିଲାରେ ଶୁକ୍ରବାର ଏକ ବାଇକ୍ ଚୋରିର ପର୍ଦ୍ଦାଫାସ ହୋଇଛି। ଜୁଲାଇ ଓ ଅଗଷ୍ଟ ମଧ୍ୟରେ ସହରର ଆଖପାଖ ଅଞ୍ଚଳରୁ ଚୋରି ଯାଇଥିବା ୨୫ ବାଇକ୍ ଉଦ୍ଧାର ହୋଇଛି। ଏଥିରେ ସମ୍ପୃକ୍ତ ଥିବା ୫ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏଥିସହିତ ଜିଲା ପୋଲିସ ପକ୍ଷରୁ ଟାଉନ ଥାନା ପରିସରରେ ଜିମାନାମା ମେଳା କରାଯାଇ ୧୫ ବାଇକ୍‌ର ମାଲିକଙ୍କୁ ଚାବି ହସ୍ତାନ୍ତର କରାଯାଇଛି। ଏ ନେଇ ଏସ୍‌ପି ନୀତିଶେଖର ଏକ ଖବରଦାତା ସମ୍ମିଳନୀ କରି କହିଥିଲେ, ଗିରଫ ବ୍ୟକ୍ତିମାନେ ହେଲେ ଟାଉନ ଥାନା ଗରାପୁର ଗ୍ରାମର ଅଭିଜିତ ଜେନା (୨୦), ପୃଥୀରାଜ ମଲ୍ଲିକ (୨୦), ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁରର ଗୌତମ ସାହୁ (୨୬), ଗଜେନ୍ଦ୍ର ସାହୁ ଓରଫ ପିଣ୍ଟୁ (୨୬) ଓ କଟକ ଜିଲା ମାହାଙ୍ଗା ଥାନା ସାହାଜାନପୁର ଗ୍ରାମର ରଞ୍ଜନ କୁମାର ମଲ୍ଲିକ ଓରଫ ମଣ୍ଟୁ। ଏମାନେ ସମସ୍ତେ ସହର ଆଖପାଖ ଅଞ୍ଚଳରୁ ବାଇକ୍ ଚୋରି କରି ଏକ ଗ୍ୟାରେଜରେ ନଂ. ପ୍ଲେଟ, ପାନେଲ ଆଦି ବଦଳାଇ ଗ୍ରାହକଙ୍କୁ ବିକିବା ପାଇଁ ରଖିଥିଲେ। କିଛିଦିନ ପୂର୍ବେ ସହରର ମେଡିକାଲ ଛକରୁ ଏକ ବାଇକ୍ ଚୋରି ହୋଇଥିଲା। ଏ ନେଇ ଟାଉନ ଥାନା ପକ୍ଷରୁ ମାମଲା (୧୩୨/୨୦) ରୁଜୁ ହୋଇ ତଦନ୍ତ ଚାଲିଥିଲା। ସିସିଟିଭି ଫୁଟେଜରୁ ସୂଚନା ମିଳିବା ପରେ ଏହି ରାକେଟର ସଦସ୍ୟଙ୍କୁ ଗିରଫ ସହ ବାଇକ୍‌ଗୁଡିକୁ ଜବତ କରାଯାଇଛି। ଏହି ସମ୍ମିଳନୀରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନା ଆଇଆଇସି ଜ୍ୟୋତିରଞ୍ଜନ ସାମନ୍ତରାୟ, ସଦର ଆଇଆଇସି ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## କାରଖାନା ଖୋଲିବାକୁ ଦାବି

କଳିଙ୍ଗନଗର, ୧୪।୮ (ଡି.ଏନ୍.ଏ.)

କଳିଙ୍ଗନଗରରେ ବନ୍ଦ ଥିବା ସମସ୍ତ କଳକାରଖାନା ଚାଲୁକରାଇବା ନିମନ୍ତେ ସୁକିନ୍ଦା ଯୁବ କଂଗ୍ରେସ ତରଫରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସଭାପତି କୃପାସିନ୍ଧୁ ସାମନ୍ତରାୟଙ୍କ ନେତୃତ୍ୱରେ ଦଶଜଣିଆ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ବନ୍ଦ କାରଖାନାଗୁଡ଼ିକୁ ଖୋଲା ନ ଗଲେ ସୁକିନ୍ଦା ଯୁବ କଂଗ୍ରେସ ତରଫରୁ ଆନ୍ଦୋଳନ କରାଯିବ କୁହାଯାଇଛି।

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଏରସମା,୧୪।୮(ସ୍ୱ.ପ୍ର.):** ଅଖିଳ ଭାରତ କୃଷକ ସଭା ଏରସମା ବ୍ଲକ ଶାଖା ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକରଙ୍କ କୃଷକ ବିରୋଧୀ ଅଧ୍ୟାଦେଶ ପ୍ରତ୍ୟାହାର, କୃଷି ଋଣ ଛାଡ଼, ବିନା ସୁଧରେ ଚାଷୀଙ୍କୁ ଋଣ ଯୋଗାଇ ଦେବା, ସମସ୍ତ ପରିବାରକୁ ରାଶନ ଯୋଗାଇ ଦେବା, ଶ୍ରମିକ ବିରୋଧୀ ଶ୍ରମ ଆଇନର ପ୍ରତ୍ୟାହାର ଓ ସ୍ୱୟଂ ସହାୟକ ଗୋଷ୍ଠୀ ସମସ୍ତ ଋଣ ଛାଡ କରିବା ଉପରେ ଦାବିପତ୍ର ଦିଆଯାଇଥିଲା। କୃଷକ ସଭା ସଭାପତି ଦାମୋଦର ବେହେରା, ସମ୍ପାଦକ ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଏରସମା ବଜର ପରିକ୍ରମା କରଯାଇଥିଲା। ଏହାପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏରସମା ତହସିଲଦାର ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ କୃଷକ ସଭା ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକରଙ୍କ କୃଷକ ମାରଣ ନୀତିକୁ କଡ଼ା ସମାଲୋଚନା କରିଥିଲେ।

## ଖୋଲିଲା ରାହାମା ସାପ୍ତାହିକ ହାଟ

**ରାହାମା,୧୪।୮(ଡି.ଏନ.ଏ.):** ରାହାମାଠାରେ ସପ୍ତାହର ସୋମବାର ଓ ଶୁକ୍ରବାର ସାପ୍ତାହିକ ହାଟ ବସୁଥିଲା। ତେବେ କରୋନା ସଂକ୍ରମଣ ଯୋଗୁ ଜିଲାପାଳଙ୍କ ନିର୍ଦ୍ଦେଶରେ ମାର୍ଚ୍ଚରୁ ଏହାକୁ ବନ୍ଦ କରି ଦିଆଯାଇଥିଲା। ସ୍ଥାନୀୟ କୃଷିଜୀବୀ, ବ୍ୟବସାୟୀ, ରାହାମା ବଜାର କର୍ମୀ ଓ ରାହାମା ନିୟନ୍ତ୍ରିତ ବଜାର କମିଟି ଜିଲାପାଳଙ୍କ ନିକଟରେ ସାପ୍ତାହିକ ହାଟ ଖୋଲିବା ପାଇଁ ଅନୁରୋଧ କରିଥିଲେ। ଏହାକୁ ରକ୍ଷାକରି ଜିଲାପାଳ କୋଭିଡ-୧୯ ନିୟମ ମାନି ହାଟ ଖୋଲିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ହାଟ ଚାଲୁ କରାଯାଇଛି। ୨୧ ଜଣିଆ କମିଟି ଦ୍ୱାରା ହାଟ ପରିଚାଳନା ପାଇଁ ନିଷ୍ପତ୍ତି ନିଆଯାଇଛି।













